بسم الله الرحمن الرحيم

**୨୯ ଏପ୍ରେଲ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମସିହ ମଉଦ ଅ.ସଙ୍କ ମହତ୍ତ୍ୱପୂର୍ଣ୍ଣ ଉପଦେଶାବଳୀ ଆଲୋକରେ ନିଜ ଜୀବନ ଅତିବାହିତ କରିବା ପ୍ରସଙ୍ଗରେ ଏକ ସର୍ବୋତ୍ତମ ଲାହେଅମଲ୍ (କାର୍ଯ୍ୟଶୈଳୀ)ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ରମଜାନର ପବିତ୍ର ମାସ ଆସିଲା ଆଉ ସେହି ସମସ୍ତ ଲୋକମାନେ ଯେ ତହାର କଲ୍ୟାଣରୁ ଉପକୃତ ହେବାକୁ ଚେଷ୍ଟା କଲେ, ନିଜର ବରକତ୍ ବାଣ୍ଟିଦେଇ ଚାଲିଗଲା । ଜଣେ ବୁଦ୍ଧିମାନ ଓ ପ୍ରକୃତ ବିଶ୍ୱାସକାରୀକୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ, ନିଃସନ୍ଦେହ ରୂପେ ଫରଜ୍ (ବାଧ୍ୟତାମୂଳକ) ରୋଜାର ମାସ ସମାପ୍ତ ହୋଇଯାଇଛି । କିନ୍ତୁ ବାକି କର୍ତ୍ତବ୍ୟର ସମ୍ପାଦନ କରିବା ସ୍ତରକୁ ଉଚ୍ଚା କରିବା ଓ ସେଥିରେ ଉନ୍ନତି କରିବାର ସମୟ ଆରମ୍ଭ ହେବାକୁ ଯାଉଛି । ଯଦି ଆମେ ଏହି ବାସ୍ତବତାକୁ ପାସୋରି ଯାଉ କି ରମଜାନ ପରେ ଆମେମାନେ ନିଜ ଫରଜ୍ ଓ ଦାୟିତ୍ୱ ସମ୍ପାଦନ କରିବା ସ୍ତରକୁ କିଭଳି ପ୍ରତିଷ୍ଠିତ ରଖିବା ତେବେ ଆମେ ନିଜ ରମଜାନ ସେହିପରି ଅତିବାହିତ କରି ନାହେଁ ଯେପରିକି ହଜରତ ମୁହମ୍ମଦ ସ.ଅ ଅତିବାହିତ କରୁଥିଲେ ।

ଆମମାନଙ୍କର ଭାଗ୍ୟବାନ ଯେ ହଜରତ ମୁହମ୍ମଦ ସ.ଅଙ୍କର ସଚ୍ଚୋଟ ଦାସ ହଜରତ ମସିହ ମଉଦ ଅ.ସ ସମସ୍ତ ପ୍ରସଙ୍ଗରେ ଆମମାନଙ୍କର ମାର୍ଗଦର୍ଶନ ବେଶ୍ ସ୍ପଷ୍ଟ ଭାବରେ କରି ଦେଇଛନ୍ତି । ନିଜ ଜୀବନ ଅତିବାହିତ କରିବାର ଏକ ସର୍ବୋତ୍ତମ ଲାହେଅମଲ୍ (କାର୍ଯ୍ୟସୂଚି) ଆମମାନଙ୍କୁ ପ୍ରଦାନ କରି ଦେଇଛନ୍ତି । ଯଦି ଆମେମାନେ ଉକ୍ତ କାର୍ଯ୍ୟଶୈଳୀ ଅନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରିବା ତେବେ ସୁନିଶ୍ଚିତ ରୂପେ ଆମେମାନେ ସେହି ମାର୍ଗ ପ୍ରାପ୍ତ କରିନେବା ଯାହାକି ପୁଣ୍ୟକର୍ମରେ ଆଗକୁ ବଢ଼ିବା ଓ ଉନ୍ନତି କରିବାର ମାର୍ଗ ଅଟେ । ଯାହାକି ଗୋଟିଏ ରମଜାନରୁ ଆଉ ଏକ ରମଜାନ ସହିତ ସମ୍ମିଳିତ କରିବାର ମାର୍ଗ ଅଟେ । ଯାହାକି ତାହା ମଧ୍ୟବର୍ତ୍ତୀ ଅବଧିରେ ସାଧିତ ହୋଇଥିବା ଅପକର୍ମ ଓ ଦୋଷତ୍ରୁଟିରୁ ରକ୍ଷା କରିବାର ମାର୍ଗ ତଥା ଦୋଷ ମାର୍ଜନ କରେଇବାର ମାର୍ଗ ଅଟେ । ସୁତରାଂ ଏଠାରେ ମୁଁ ହଜରତ ମସିହ ମଉଦ ଅ.ସଙ୍କର ଅମୂଲ୍ୟ ଓ ଖ୍ୟାତି ସମ୍ପନ୍ନ ଉପଦେଶାବଳୀ ମଧ୍ୟରୁ କିଛି ଆଲୋଚନା କରିବି ।

ହଜରତ ମୁହମ୍ମଦ ସ.ଅ ବିଶ୍ୱାସକାରୀଙ୍କୁ ବାରମ୍ବାର ଏଥିପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି, ଯେ ନମାଜକୁ ଛାଡ଼ିବା ମନୁଷ୍ୟକୁ ଅବଜ୍ଞା ଓ ଅନ୍ୟକୁ ପ୍ରଭୁଙ୍କ ସହିତ ସମତୁଲ୍ୟ (ଶିରିକ୍) କରିବା ନିକଟବର୍ତ୍ତୀ କରିଦେଇଥାଏ । ପୁନଶ୍ଚ ହଜୁର ସ.ଅ କହିଲେ; ପ୍ରଳୟ ଦିବସରେ ଭକ୍ତ ଠାରୁ ସର୍ବପ୍ରଥମେ ଯେଉଁ ଜିନିଷର ହିସାବ ନିଆଯିବ ତାହା ନମାଜ ଅଟେ । ଯଦି ସେହି ହିସାବ ଠିକ୍ ରହିଲା ତେବେ ସେ କୃତକାର୍ଯ୍ୟ ହୋଇଗଲା ଏବଂ ମୋକ୍ଷ ପ୍ରାପ୍ତି କରିନେଲା । **ସୁତରାଂ ଏହା ନମାଜର ବିଶେଷତ୍ୱ ଅଟେ ।** ଅତଏବ କୌଣସି ବିଶେଷ ମାସ ସହିତ (ଏହା ସମ୍ବନ୍ଧିତ) ନୁହେଁ ବରଂ (ପ୍ରତିଦିନ) ପାଂଚ ବେଳା ନମାଜ ପାଠ କରିବା ପ୍ରତି (ମୁସଲମାନମାନଙ୍କର) ଧ୍ୟାନ ଆକର୍ଷିତ କରାଯାଇଛି ।

ହଜରତ ମସିହ ମଉଦ ଅ.ସ ନମାଜର ଗୁରୁତ୍ୱ ପ୍ରତି ଆମମାନଙ୍କର ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି ଏବଂ ତାହାର ନିୟମିତ ପ୍ରବନ୍ଧ କରିବାକୁ ଉପଦେଶ ଦେଇଛନ୍ତି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି; ଓମା ଖଲକ୍‌ତୁଲ୍ ଜିନ୍ନା ଓଲ୍‌ଇନ୍‌ସା ଇଲ୍ଲା ଲିୟାବୁଦୁନ୍ ଯଦିଓ ମନୁଷ୍ୟର ସୃଷ୍ଟି ହିଁ ଉପାସନା କରିବା ସକାଶେ ହୋଇଛି ତେବେ ଏହା ଜରୁରୀ ଯେ ଉପାସନାରେ ସେହି ସ୍ତରର ସ୍ୱାଦ ଓ ତୃପ୍ତି ନିଶ୍ଚିତ ରୂପେ ରଖାଯାଇଥିବ ଯେଉଁଥିପାଇଁ (ମନୁଷ୍ୟ)କୁ ସୃଷ୍ଟି କରାଯାଇଛି । ପ୍ରତ୍ୟେକ

ଜିନିଷରେ ମାଧୁର୍ଯ୍ୟତା ରହିଛି ଯେଉଁଥିରୁ ମନୁଷ୍ୟ ଆହ୍ଲାଦ ଲାଭ କରିଥାଏ ତେବେ ଉପାସନାରୁ କାହିଁକି ବା (ଆତ୍ମସନ୍ତୋଷ) ଲାଭ କରିବ ନାହିଁ । ଆପଣ[ଅ.ସ] କହିଲେ; ଭଲ ଭାବରେ ବୁଝିନିଅ ଯେ (ଉପାସନା)ରେ ମଧ୍ୟ ଏକ ମଧୁରତା ଓ ଆହ୍ଲାଦ ରହିଛି ଏବଂ **ତାହା ସଂସାରର ସମସ୍ତ ମାଧୁର୍ଯ୍ୟତା ଓ ତୃପ୍ତି ଠାରୁ ସର୍ବାଉର୍ଦ୍ଧ୍ୱେ ଓ ସର୍ବୋତ୍ତମ ।**

ହଜୁର[ଅ.ସ] କହିଲେ; ଯେଉଁ ବିଷୟରେ ମନୁଷ୍ୟ ଅଜ୍ଞାତ, ଯାହାର ସମସ୍ତ ଉତ୍କର୍ଷତା ଶୁଷ୍କ ହୋଇଯାଇଛି, ସେ କିପରି କୌଣସି ଅନୁକମ୍ପା ଓ ତାହାର ମାଧୁର୍ଯ୍ୟତାରୁ ଉପକୃତ ହୋଇପାରିବ ? ତେବେ ଏହାର ସମାଧାନର ବାଟ ମଧ୍ୟ ଆପଣ[ଅ.ସ] ଦର୍ଶାଇ ଦେଇଛନ୍ତି । ଯେପରିକି ଆପଣ[ଅ.ସ] କୁହନ୍ତି; ପରମେଶ୍ୱରଙ୍କ ନିକଟରେ ଅତି ଆତୁରତା ଓ ବ୍ୟାକୁଳତା ପୂର୍ବକ ଏହି ଦୁଆ ପ୍ରାର୍ଥନା କରିବା ଉଚିତ୍ ଯେ ଯେପରି ଫଳମୂଳ ଓ ଅନ୍ୟ ଦ୍ରବ୍ୟଗୁଡ଼ିକରେ ଅତି ଅପୂର୍ବ ସ୍ୱାଦ ରହିଛି ସେହିପରି ନମାଜ ଓ ଉପାସନାର ସ୍ୱାଦ ମାତ୍ର ଥରେ ମୋତେ ଆସ୍ୱାଦନ କରାଅ । ଥରେ ସେହି ରସାନୁଭବ କରି ନେଲେ, ଜାଣି ପାରିବ ଯେ ତାହା କିପରି ଅପୂର୍ବ ଓ ଅନନ୍ୟ ଏବଂ ତେବେଯାଇ ସେଥିପ୍ରତି (ବିଶେଷ) ଧ୍ୟାନ କେନ୍ଦ୍ରିତ ହେବ । ଦେଖ ! ଯଦି କେହି କୌଣସି ସୁନ୍ଦର ବସ୍ତୁକୁ ପ୍ରଲୋଭିତ ଚକ୍ଷୁରେ ଦେଖେ ତେବେ ତାହା ତାକୁ ଭଲ ଭାବରେ ମନେ ରହିଥାଏ । ଆଉ ଯଦି କୌଣସି ଅସୁନ୍ଦର ଓ ଘୃଣ୍ୟ ଆକୃତି ଥିବା (ବସ୍ତୁକୁ) ଦେଖେ ତେବେ ତାହାର ଅବିକଳ ରୂପ ତାହା ସମ୍ମୁଖରେ ଝଟକି ଉଠେ । ହଁ ଯଦି ତାହା ସହିତ ସମ୍ପୃକ୍ତ ବ୍ୟକ୍ତିର କୌଣସି ସମ୍ପର୍କ ନଥାଏ ତେବେ କିଛି ମନେ ରହି ନଥାଏ । ଏହିପରି ବେନମାଜିମାନଙ୍କ ପାଇଁ ନମାଜ ଏକ ଟିକସ ପୈଠ କରିବା ସଦୃଶ, ଯାହାକି ଅଯଥାଟାରେ ଶୀତ ରାତିରେ କାଳି ଅନ୍ଧାରୁ ଅତି ଆରାମ ଦାୟକ ଶେଯ ଓ ପ୍ରାଚୁର୍ଯ୍ୟତାକୁ ଛାଡ଼ି ଓଜୁ କରି ନମାଜ ପଢ଼ିବାକୁ ପଡ଼ିଥାଏ । ନମାଜ ପଢ଼ିବା ପରିବର୍ତ୍ତେ ଶୟନ କରିବାରେ ତାହାକୁ ଅଧିକ ଶୁଖ ମିଳିଥାଏ । ଆପଣ[ଅ.ସ] କହିଲେ; ଏପରି ବ୍ୟକ୍ତି ତ ନମାଜର ସ୍ୱାଦ ଆସ୍ୱାଦନ ହିଁ କରି ନାହିଁ ତେବେ ସେ କିପରି ବା ଜାଣିବ ? ଆଉ ତାହାକୁ ନମାଜ (ପାଠ କରିବା) ଦ୍ୱାରା କିଭଳି ବା ଶୁଖ ମିଳିବ । ଯଦି ନିଷ୍ପାପର ମୋମିନ୍ ହୋଇଥାଏ ଏବଂ କ୍ରମାଗତ ଭାବରେ ନମାଜ ପାଠ କରିଚାଲେ ଏପରିକି ତାହାକୁ ସେହି ମଧୁର ସ୍ୱାଦ ପ୍ରାପ୍ତି ହୋଇଯାଏ । ଯେପରିକି ମଦ୍ୟପ ମନମସ୍ତିଷ୍କରେ (ନିଶାର) ଏକ ସ୍ୱାଦ ବସା ବାନ୍ଧିଥାଏ । ଯାହାକୁ ସମ୍ପୃକ୍ତ ବ୍ୟକ୍ତି କଳେବଳେ କୌଶଳେ ହାସଲ କରିବା ନିଜର ସର୍ବପ୍ରଥମ ଉଦ୍ଦେଶ୍ୟ ମଣିଥାଏ । **ଏହିପରି ମନପ୍ରାଣରେ ଓ ସମସ୍ତ ସାମର୍ଥ୍ୟ ନମାଜ ପାଠ କରିବାରେ ବିନିଯୋଗ କରି ତାହାର ପ୍ରକୃତ ସାରତତ୍ତ୍ୱକୁ ହାସଲ କରିବା ଉଚିତ୍ ।** ଏଥିପାଇଁ ଦୁଆ ପ୍ରାର୍ଥନା କରିବା ସହିତ ପୂର୍ଣ୍ଣ ପ୍ରୟାସ ମଧ୍ୟ କରିବା ଉଚିତ୍ । ପୁନଶ୍ଚ ଏକ ନିଷ୍ଠା ଓ ଉତ୍କଣ୍ଠାର ସହିତ ଖୁବ୍ କମ୍‌ରେ ସେହି ନିଶାସକ୍ତ ବ୍ୟକ୍ତି ପରି ଅଧର୍ଯ୍ୟ, ଅଥୟ ଓ କଷ୍ଟ ପାଇବା ପରି ଦୁଆ କରୁଥାଅ ଯେ ହେ ପ୍ରଭୁ ! ମୋତେ ଶାନ୍ତି ପ୍ରଦାନ କର, ମୋତେ ସେହି ସ୍ୱାଦ ଚଖାଅ । ଆପଣ[ଅ.ସ] କହିଲେ; ତେବେ ମୁଁ କହୁଛି ଏବଂ ସତ କହୁଛି ଯେ ଯଦି ଏପରି ଆତୁରତାର ସହିତ ଦୁଆ କର ତେବେ ସୁନିଶ୍ଚିତ ରୂପେ ସେହି ଶୁଖ ଓ ସ୍ୱାଦ ଲଭି ନେବ । ସୁତରାଂ ଏହି ତୃପ୍ତି ଓ ସ୍ୱାଦ ହାସଲ କରିବା ସକାଶେ ଏବଂ ସେହି ବ୍ୟାଧିରୁ ମୁକ୍ତି ଲାଭ କରିବା ସକାଶେ ଦୁଆ କରିବା ଅନିବାର୍ଯ୍ୟ । କେବଳ ନିଜ ସାଂସାରିକ ଅଭିଳାଷ ପୂରଣ କରିବା ପାଇଁ ଦୁଆ କର ନାହିଁ ବରଂ ସେହି ଶୁଖ ଓ ଆନନ୍ଦ ଲଭିବା ପାଇଁ ମଧ୍ୟ ଦୁଆ କର । ଯେପରି ରୋଗ ଉପଶମ ହୋଇ ସ୍ୱାସ୍ଥ୍ୟ ଲାଭ ହେବା ସକାଶେ ମନୁଷ୍ୟ ସମସ୍ତ ପ୍ରକାରର ପନ୍ଥା ଅବଲମ୍ବନ କରିଥାଏ । ନିଜର ଉପଚାର, ପ୍ରତିଷେଧକ ସେବନ କରିବା ସହିତ ଦୁଆ ମଧ୍ୟ କରିଥାଏ । ଠିକ୍ ସେହିପରି ଏହା ପାଇଁ ମଧ୍ୟ ବ୍ୟବସ୍ଥା କରିବା ଉଚିତ୍ ।

କେତେକ ଲୋକ ପ୍ରଶ୍ନ କରିଥାନ୍ତି, ଯେ ନମାଜ କିଭଳି ଯତ୍ନର ସହିତ ପାଠ କରିବୁ ? ତେବେ ଯତ୍ନର ସହିତ ପାଠ କରିବାର ଶୈଳୀ ଏହିକି ଯେ ନମାଜ ଅତି ଧୀରସ୍ଥିରେ ସମୟ ଦେଇ ପ୍ରତ୍ୟେକ ପ୍ରକ୍ରିୟା (ହରକତ୍) ଅଟକି ଅଟକି ପାଠ କରିବା ଉଚିତ୍ ।

ପୁନଶ୍ଚ ଜଣେ ପୁଣ୍ୟବାନ ବ୍ୟକ୍ତି ନମାଜର ମର୍ମକୁ ବୁଝି ତାହା ପାଠ କରିବା ପରେ ପବିତ୍ର କୁରଆନ ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ଜମାଅତ (ଅନୁଗାମୀମାନଙ୍କୁ) ଆବଶ୍ୟକ ଯେ ପବିତ୍ର କୁରଆନକୁ ଅତିଶୟ ଉତ୍କଣ୍ଠିତ ଓ ଗଭୀର ଅନୁଧ୍ୟାନର ସହିତ (ନିମଜ୍ଜିତ ହୋଇ) ପାଠ କରନ୍ତୁ । ବର୍ତ୍ତମାନ ପବିତ୍ର କୁରଆନର ଅସ୍ତ୍ରକୁ ବହନ କରିନିଅ ତେବେଯାଇ ତୁମର ବିଜୟ ହେବ । ସେହି ଐଶୀ ପ୍ରକାଶ୍ୟ ସମ୍ମୁଖରେ କୌଣସି ଅନ୍ଧାର ତିଷ୍ଠି ରହିପାରିବ ନାହିଁ ।

ପୁନଶ୍ଚ ପୁଣ୍ୟକର୍ମକୁ ଅବ୍ୟାହତ ରଖିବା ସକାଶେ ହଜୁର[ଅ.ସ] ଉପଦେଶ ପୂର୍ବକ କୁହନ୍ତି; ପ୍ରତ୍ୟେକ ପରିସ୍ଥିତିରେ ସଂସାର ଉପରେ ଧର୍ମକୁ ଅଗ୍ରାଧିକାର ଦିଅ ଏବଂ ଏଥି ସକାଶେ ଯେଉଁସ୍ଥଳେ ବିଶ୍ୱାସରେ ଦୃଢ଼ତା ଅନିବାର୍ଯ୍ୟ ସେହିସ୍ଥଳେ ଜ୍ଞାନରେ

ଅଭିବୃଦ୍ଧି ଓ କର୍ମଗତ ଉନ୍ନତି ସାଧତି ହେବା ମଧ୍ୟ ଜରୁରୀ । ତେଣୁ ଏଥିପାଇଁ ଉଦ୍ୟମ କରିବା ଉଚିତ୍ ।

ପୁନଶ୍ଚ ରମଜାନର କଲ୍ୟାଣକୁ ଜାରି ରଖିବା ପାଇଁ ହଜୁର[ଅ.ସ] ଆମମାନଙ୍କୁ ଯେଉଁ ସୂତ୍ର ବତାଇଛନ୍ତି ତାହା ପାରସ୍ପରିକ ସମ୍ପର୍କକୁ ସର୍ବୋଚ୍ଚ ସ୍ତରରେ ପହଂଚାଇବା ସହିତ ରମଜାନରେ ଆମେ (ଧର୍ମକର୍ମରେ) ଯେଭଳି କଠିନ ପରିଶ୍ରମ କରିଥିଲେ ତାହାକୁ ଜାରି ରଖିବା । ପାରସ୍ପରିକ ଭାତୃଭାବକୁ ମଜବୁତ୍ କରିବା ଏବଂ ପରସ୍ପରର ଅଧିକାର ସମ୍ପାଦନ କରିବା । ହଜୁର[ଅ.ସ] କୁହନ୍ତି; ଆମ ଜମାଅତ ସେପର୍ଯ୍ୟନ୍ତ ଶସ୍ୟଶ୍ୟାମଳ ହେବ ନାହିଁ ଯେପର୍ଯ୍ୟନ୍ତ ପରସ୍ପର ପ୍ରତି ନିର୍ମଳ ମନର ସହିତ ସହାନୁଭୂତି ପ୍ରଦର୍ଶନ କରି ନାହାନ୍ତି । ଆପଣ[ଅ.ସ] କହିଲେ; ଆମ ଜମାଅତକୁ ମଲ୍ଲବୀରମାନଙ୍କର ଆବଶ୍ୟକତା ନାହିଁ ବରଂ ଏଭଳି ସାମର୍ଥ୍ୟ ରଖୁଥିବା ବ୍ୟକ୍ତି ଆବଶ୍ୟକ ଯେ ଚରିତ୍ର ପରିବର୍ତ୍ତନ କରିବା ପ୍ରତି ମନଯୋଗ ଓ ଚେଷ୍ଟା କରୁଥିବେ । ସୁତରାଂ ରମଜାନରେ ଆମେମାନେ ଯେଉଁ ଈଶ୍ୱରଭୟ ନିଜ ଭିତରେ ଉତ୍ପନ୍ନ କଲେ ତାହା ଆବଶ୍ୟକ କରୁଅଛି ଯେ, ପାରସ୍ପରିକ ସମ୍ପର୍କକୁ ଅଧିକ ପରିମାର୍ଜିତ କରିବା ଏବଂ ପାରସ୍ପରିକ ମାମଲାରେ ଅତି ନିଷ୍ଠା, ସଚ୍ଚୋଟତା ଓ ଶାଳିନତାର ନମୁନା ପ୍ରଦର୍ଶନ କରିବା ।

ହଜୁର[ଅ.ସ] କହିଲେ, ମୁଁ ଏକଥା ଅନେକ ଥର କହିଛି ଯେ ତୁମେମାନେ ପାରସ୍ପରିକ ମାମଲାରେ ସହମତି ରକ୍ଷା କର ଏବଂ ସମ୍ମିଳିତ ରୁହ, ପରମେଶ୍ୱର ମୁସଲମାନମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ ତୁମେମାନେ ଗୋଟିଏ ଶରୀର ସଦୃଶ ପାଲଟି ଯାଅ ନଚେତ ବାୟୁ ନିର୍ଗତ ହୋଇଯିବ । ହଜରତ ମୁହମ୍ମଦ[ସ.ଅ] କହିଛନ୍ତି; ପରସ୍ପରକୁ ପ୍ରେମ କର ଏବଂ ପରସ୍ପର ପାଇଁ ତାହା ଅଜ୍ଞାତରେ ଦୁଆ କର ତେବେ ଏହା ଏକ ବହୁତ ବଡ଼ ପୁଣ୍ୟକର୍ମ ଅଟେ । ଆପଣ କୁହନ୍ତି; ଜଣେ ଯଦି ଅନ୍ୟ ଜଣକ ପାଇଁ ତାହା ଅଜ୍ଞାତରେ ଦୁଆ କରିବ ତେବେ ଦେବଦୂତମାନେ କହିବେ, ତୁମ ପକ୍ଷରେ ମଧ୍ୟ ତାହା ପୂରଣ ହେଉ । ଯଦି ମନୁଷ୍ୟର ପ୍ରାର୍ଥନା ଯାହାକି ସେ ନିଜ ପାଇଁ କରିଥାଏ, ଗ୍ରହଣ ନହୁଏ ତେବେ ସେଠୁ କ'ଣ ହେଲା ଦେବଦୂତମାନଙ୍କର ତ ଗ୍ରହଣ ହୋଇଯିବ । **ମନେରଖ ! ଯେପର୍ଯ୍ୟନ୍ତ ତୁମେ ସଭିଏଁ ଏପରି (ଆଚରଣ) ପ୍ରଦର୍ଶନ କରି ନାହଁ ଅର୍ଥାତ ଯାହା ତୁମେ ନିଜ ପାଇଁ ପସନ୍ଦ କରୁଛ ତାହା ନିଜ ଭାଇ ପାଇଁ ମଧ୍ୟ ପସନ୍ଦ କରି ନାହଁ ସେପର୍ଯ୍ୟନ୍ତ ଏପରି ବ୍ୟକ୍ତି ମୋ ଜମାଅତରେ ଅନ୍ତର୍ଭୁକ୍ତ ହୋଇ ନାହିଁ ।** ବରଂ ସେ ବିପତ୍ତି ଓ ସମସ୍ୟା ଘେରରେ ରହିଛି ।

ହଜୁର[ଅ.ସ] କହିଲେ, ପ୍ରଭୁଙ୍କୁ ପ୍ରେମ କରିବାର ତାତ୍ପର୍ଯ୍ୟ କ'ଣ ? ଏହିକି ଯେ ନିଜ ପିତାମାତା, ନିଜ ପତ୍ନୀ, ପିଲାଛୁଆ ତଥା ନିଜଠାରୁ ମଧ୍ୟ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବାକୁ ପ୍ରାଥମିକତା ଦିଅ । ଅତଏବ ପବିତ୍ର କୁରଆନରେ ଏହି କଥା ଉଲ୍ଲେଖ ରହିଛି ଯେ, ଅଲ୍ଲାଃତାଲାଙ୍କୁ ଏପରି ପ୍ରେମ କର ଯେପରିକି ତୁମେ ନିଜ ପିତୃ ପିତାମହଙ୍କୁ ସ୍ମରଣ କରୁଛ ବରଂ ତା'ଠାରୁ ଅଧିକ ପ୍ରେମ କର । ହଜୁର[ଅ.ସ] କୁହନ୍ତି; ପ୍ରକୃତ ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ପରମେଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବାରୁ ପୂର୍ଣ୍ଣ ଅଂଶ ନେବା ନିତ୍ୟାନ୍ତ ଜରୁରୀ ଏବଂ ଏହି ଭଲପାଇବା ସେପର୍ଯ୍ୟନ୍ତ ପ୍ରମାଣିତ ହୋଇ ନଥାଏ ଯେପର୍ଯ୍ୟନ୍ତ ଜଣେ କାର୍ଯ୍ୟକାରୀ କ୍ଷେତ୍ରରେ ପୂର୍ଣ୍ଣତା ଲାଭ କରି ନାହିଁ । ଏଥିସକାଶେ ଜରୁରୀ ଯେ ପ୍ରଭୁଙ୍କ ମାର୍ଗରେ ନିଜ (ଜୀବନ)କୁ ଉତ୍ସର୍ଗ କର ଏବଂ ଏହା ହିଁ ଇସଲାମର ସାର । ଏହା ହିଁ ସେହି ଉଦ୍ଦେଶ୍ୟ ଯେଉଁଥି ପାଇଁ ମୋତେ ପ୍ରେରଣ କରାଯାଇଛି । ଅତଏବ ଏବେ ଯେ କେହି ଏହି ନିର୍ଝର ନିରକଟକୁ ଆସୁ ନାହିଁ, ଯେଉଁ ଉଦ୍ଦେଶ୍ୟ ପୂରଣ କରିବା ସକାଶେ ପ୍ରଭୁ ଏହି (ଜମାଅତ)ର ସ୍ଥାପନ କରିଛନ୍ତି ତେବେ ସେ ନିଶ୍ଚିତ ରୂପେ ହତଭାଗ୍ୟ ରହିବ । ଦେଖ ହଜରତ ଇବ୍ରାହିମ୍[ଅ.ସ]ଙ୍କର ଦୃଢ଼ ନିଷ୍ଠାପରତା ହିଁ ଥିଲା ଯେ, ନିଜ ଏକଇର ବଳା ବିଶିକେଶନକୁ ମଧ୍ୟ ବଳି ଦେବା ପାଇଁ ପ୍ରସ୍ତୁତ ହୋଇଗଲେ । ଇସଲାମର ଧର୍ମର ମୂଳ ଲକ୍ଷ ଏହିପରି ଅନେକ ଇବ୍ରାହିମ୍ ତିଆରି କରିବା ଅଟେ ।

ଅଲ୍ଲାଃତାଲା ଇବ୍ରାହିମ୍[ଅ.ସ]ଙ୍କର ଉତ୍କର୍ଷ ବର୍ଣ୍ଣନା କରିଛନ୍ତି ଯେ ସେ ପ୍ରଭୁଙ୍କର ଅତି ବିଶ୍ୱସ୍ତ ଥିଲେ । ସୁତରାଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଇବ୍ରାହିମ୍[ଅ.ସ]ଙ୍କ ପରି ହେବା ପାଇଁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା କାହାରି ଛଳନାର ଶିକାର ହୋଇ ନଥାନ୍ତି ନା ତାଙ୍କୁ ଧୋକା ଦେବା ସମ୍ଭବ । **ତେଣୁକରି ଏହା ଜରୁରୀ ଯେ ତୁମେ ସଚ୍ଚୋଟ ନିଷ୍ଠାବାନ ଓ ସତ୍ୟବାଦୀ ପାଲଟି ଯାଅ ।** ଏଥିପାଇଁ ପ୍ରଭୁଙ୍କ ଦ୍ୱାରରେ ଏକାଗ୍ରତାର ସହିତ ନତମସ୍ତକ ହୋଇ ରୁହ ଏବଂ ନିଜର ପ୍ରତ୍ୟେକ ଉଇଁଲା ଦିବସରୁ ପ୍ରଭୁଙ୍କ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରି ଆରମ୍ଭ କର ଏବଂ ସେଥିରେ ଉନ୍ନତି କରିବାକୁ ଚେଷ୍ଟା କର ।

ଖୁବ୍ ଭଲ ଭାବରେ ମନେରଖ ଯେ ଜଣା ନାହିଁ ମୃତ୍ୟୁ କେଉଁ ମୁହୂର୍ତ୍ତରେ ଆମକୁ କବଳିତ କରିନେବ । କାରଣ ତାହାର ଆସିବା ତ ସୁନିଶ୍ଚିତ । ସୁତରାଂ ଖାଲି ବଡ଼ ବଡ଼ କଥା କହି ନିଶ୍ଚିନ୍ତ ଓ ଖୁସି ହୋଇଯାଅ ନାହିଁ । କାରଣ ତାହା ଆଦୌ କୋଣସି ସୁଫଳ ପ୍ରଦାନ

କରି ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ଉପରେ ଅନେକ ମୃତ୍ୟୁ ଆଚ୍ଛାଦିତ କରି ନାହିଁ ଏବଂ ଅନେକ ପରିବର୍ତ୍ତନ ଓ ଅଭୂତପୂର୍ବ ପରିମାର୍ଜନ ମଧ୍ୟ ଦେଇ ଗତି କରି ନାହିଁ ସେ ମାନବିକତାର ପ୍ରକୃତ ଉଦ୍ଦେଶ୍ୟ ହାସଲ କରିପାରି ନଥାଏ । ହଜୁର[ଅ.ସ] କୁହନ୍ତି; ଏହା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହାକୁ କଦାପି ଏକ ସାଧାରଣ କଥା ମନେକରିବା ଉଚିତ୍ ନୁହେଁ । ମୁସଲମାନ ହେବା ସହଜ ନୁହେଁ । କିଭଳି ଲଜ୍ଜାଜନକ କଥା ଯେ ମନୁଷ୍ୟ ସର୍ବଶ୍ରେଷ୍ଠ ନବୀଙ୍କ ସମ୍ପ୍ରଦାୟର ହେବାର ଦାବି କରି ଅମାନ୍ୟକାରୀଙ୍କ ପରି ଜୀବନ ଅତିବାହିତ କରିବ । ତେବେ ଏବେ ଏକଥା ଖୁବ୍ ଭଲ ଭାବରେ ବୁଝି ପାରୁଥିବ ଯେ ଅଲ୍ଲାଃତାଲାଙ୍କର ପ୍ରିୟ ପାତ୍ର ହେବା ମନୁଷ୍ୟ ଜୀବନର ମୂଖ୍ୟ ଉଦ୍ଦେଶ୍ୟ । କାରଣ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ପ୍ରିୟ ପାତ୍ର ହୋଇ ନାହଁ, ତାଙ୍କ ଭଲ ପାଇବା ପ୍ରାପ୍ତ ହୋଇ ନାହଁ ତୁମ ଜୀବନ ସାର୍ଥକ ହେବ ନାହିଁ । ସେହି ଉଦ୍ଦେଶ୍ୟ ଲଭି ପାରିବ ନାହିଁ ଯେପର୍ଯ୍ୟନ୍ତ ହଜରତ ମୁହମ୍ମଦ[ସ.ଅ] ଯେପରି ଅମଳ କରି ଆମକୁ ଦେଖାଇଛନ୍ତି, ତଦନୁରୂପ ନିଜକୁ ଗଢ଼ିତୋଳି ନାହଁ । ଅତଏବ ତୁମେମାନେ ସେହି ଇସଲାମ ନିଜ ଭିତରେ ସୃଷ୍ଟି କର ।

ହଜୁର[ଅ.ସ] କୁହନ୍ତି; ମନେରଖ ସେହି ଜମାଅତ ଯାହାକି ପରମେଶ୍ୱର ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ଅମଳ କରିବା ବ୍ୟତୀରେକେ ଜୀବିତ ରହିବା ସମ୍ଭବପର ନୁହେଁ । ଏହା ସେହି ମହାନ ଜମାଅତ ଯାହାର ସ୍ଥାପନ ହଜରତ ଆଦମଙ୍କ କାଳରୁ ଆରମ୍ଭ ହୋଇଥିଲା । ଏପରି କୌଣସି ଅବତାର ସଂସାରକୁ ଆସି ନାହାନ୍ତି ଯେ ଏହି ମାର୍ଗ ଆଡ଼କୁ (ଲୋମାନଙ୍କୁ) ଡ଼ାକରା ଦେଇ ନାହାନ୍ତି । ସୁତରାଂ ତୁମେମାନେ ଏହାକୁ ଜାବୁଡ଼ି ଧର । ଏହାର ସମ୍ମାନ କର ଏବଂ ଏହାର ସମ୍ମାନ କରିବା ଏହିକି ଯେ, ନିଜର କାର୍ଯ୍ୟକଳାପ ଦ୍ୱାରା ପ୍ରମାଣିତ କରି ଦେଖାଅ ଯେ ସତ୍‌ପଥଗାମୀ ଦଳ ତୁମେମାନେ ହିଁ ଅଟ । ଏହି ରମଜାନରେ ଆମେମାନେ ଯାହାକିଛି ଶିଖିଲେ ତାହାକୁ ବର୍ଷର ବାକି ମାସଗୁଡ଼ିକରେ ଅବ୍ୟାହତ ରଖିବା । ହଜରତ ମସିହ ମଉଦ [ଅ.ସ]ଙ୍କର ଏସବୁ ଯେଉଁ କଥନ ମୁଁ ଉପସ୍ଥାପନ କଲି ସେଥି ମୁତାବକ କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ପ୍ରୟାସ କରିବେ । ନିଜ ନମାଜକୁ ଅତି ସୁନ୍ଦର ଭାବରେ ସମ୍ପାଦନ କରିବାକୁ ହେବ । ପବିତ୍ର କୁରଆନର ଶିକ୍ଷାନୁଯାୟୀ ଅମଳ କରିବାକୁ ହେବ । ପରସ୍ପରର ଅଧିକାର ସମ୍ପାଦନ କରିବାକୁ ହେବ । ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ କରିବାକୁ ହେବ । ତେବେଯାଇ ଆମେମାନେ ବୈଅତର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେବା । ଅଲ୍ଲାଃତାଲା ଆମମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ସଂସାରବାସୀଙ୍କ ପାଇଁ ମଧ୍ୟ ଦୁଆ କରିବେ ଯେପରି ସଂସାରର ଅବସ୍ଥା ସୁଧରି ଯାଉ । ପାରସ୍ପରିକ ଶତ୍ରୁତା ଯାହାକି ବଳବତର ହୋଇ ଦେଶ ଦେଶ ମଧ୍ୟରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିଛି । ତାହା ଦୂର ହେଉ ଓ ଦେଶ ପ୍ରମୁଖମାନେ ବୁଦ୍ଧି ବିବେକ ଖଟାଇ ବିଚାର କରନ୍ତୁ । ଏପରି (ବର୍ବର) ଆଚରଣରୁ ବିରତ ରୁହନ୍ତୁ ନଚେତ ଭୟଙ୍କର ଧ୍ୱଂସର ସମ୍ମୁଖୀନ ହେବ । ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ ଯଦ୍ୱରା ଏହି ମହାବିପତ୍ତିରୁ ଉଦ୍ଧାର ପାଇବେ । ସେହିପରି ଅହେମଦି କଏଦୀମାନଙ୍କ ପାଇଁ ଯେ ପାକିସ୍ତାନ, ଆଫଗାନିସ୍ତାନ ଓ ଉପଦ୍ୱୀପମାନଙ୍କରେ କାରାବରଣ ଭୋଗ କରୁଛନ୍ତି, ସେମାନଙ୍କୁ ମଧ୍ୟ ନିଜ ଦୁଆରେ ସ୍ମରଣ ରଖିବେ । ପାକିସ୍ତାନ ଓ ଅନ୍ୟାନ୍ୟ ଦେଶମାନଙ୍କରେ ଅହେମଦିମାନଙ୍କର ଅବସ୍ଥା ଯେପରି ଶୋଚନୀୟ ରହିଛି ସେଥିପାଇଁ ଦୁଆ କରିବେ । ଅଲ୍ଲାଃତାଲା ସେହି (ଅନ୍ୟାୟ ଅତ୍ୟାଚାର)ର ଅବସ୍ଥାକୁ ଦୂର କରିଦିଅନ୍ତୁ । ପାକିସ୍ତାନରେ ମଧ୍ୟ ଅହେମଦିମାନେ ସ୍ୱାଧୀନ ଭାବରେ ଜୀବନ ଅତିବାହିତ କରନ୍ତୁ । ପରିଶେଷରେ ପ୍ରିୟ ହଜୁର ଅନୱର[ଅ.ବ] ଶ୍ରୀମାନ ଅବଦୁଲ୍ ବାକି ଅଶରଫ୍ ସାହେବଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା ଓ ତାଙ୍କ ଜମାଅତୀୟ ସେବାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା କରି ତାଙ୍କ ନମାଜ ଜନାଯାଃ ପାଠ କରିବାର ଘୋଷଣା କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।